ପ୍ରେସ୍ ନୋଟ୍

# ଆନ୍ତର୍ଜାତିୟ୍ ନିରାପଦ ଗର୍ଭପାତ ଦିବସ ପାଳିତ ।

ଅନୁଗୋଳ,ତା.୨୮.୯:- ଗର୍ଭପାତରେ ଯତ୍ନ ହେଉଛି ସ୍ୱାସ୍ଥ୍ୟର ଯତ୍ନ ଏବଂ ସ୍ୱାସ୍ଥ୍ୟ ହେଉଛି ମାନବ ସମାଜର ଅଧିକାର । ଏହି ପରିପ୍ରେକ୍ଷୀରେ ମହିଳାମାନଂକର ଗର୍ଭପାତଜନିତ ସ୍ୱାସ୍ଥ୍ୟର କିପରି ଉପଯୁକ୍ତ ଯତ୍ନ ନିଆଯାଇପାରିବ ସେ ସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆନ୍ତର୍ଜାତିୟ୍ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ ଗତକାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ୍ ପରିସରରେ ଏହି ଦିବସ ପାଳନ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରକ୍ଷିତ ଗର୍ଭପାତ କରାଇବାର ଉପଯୁକ୍ତ ସମୟ୍ ଓ ବିଧି ଉପରେ ଆଲୋକପାତ କରାଇଥିଲେ । ନିମ୍ନ ବର୍ଗର ଗରିବ ପରିବାରର ସ୍ତ୍ରୀ ଲୋକମାନେ କିପରି ସୁରକ୍ଷିତ ଗର୍ଭପାତ କରାଇପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲିପ କୁମାର ପଟ୍ଟନାୟକ ସରକାରୀ ଅନୁମୋଦିତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଗର୍ଭପାତ କରାଇବା ପାଇଁ ପରାମର୍ଶ ଦେଇଥିଲେ । ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ହରପ୍ରିୟା ଜେନା ସୁରକ୍ଷିତ ଓ ଆଇନଗତ ଗର୍ଭପାତ ଉପରେ ଗୁରୁତ୍ୱାରୋପ କରିବା ସହ ଗର୍ଭପାତ ଆବଶ୍ୟକ ସ୍ଥଳେ ଯେତେ ଶିଘ୍ର ହେବ ତାହା ସେତିକି ସହଜ, ସୁରକ୍ଷିତ, ସ୍ୱାସ୍ଥ୍ୟଗତ ଓ ସରଳ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ପାରାମେଡିକାଲ କର୍ମଚାରୀ, ନର୍ସିଂ ଛାତ୍ରୀ,ଆଶା କର୍ମୀ ଓ ବିଭିନ୍ନ ବିଭାଗୀୟ୍ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ପରିଚାଳନା କରିଥିଲେ ।

